# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19 September – 2026

************************************

## ମୁଖ୍ୟ ସମ୍ବାଦ

- ରୋଜଗାର ମେଳାରେ ୫୧ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତିପତ୍ର ବଣ୍ଟନ କଲେ ପ୍ରଧାନମନ୍ତ୍ରୀ

– ଓଡ଼ିଶାର ଯୋଗ୍ୟ ହିତାଧିକାରୀଙ୍କୁ ଖୁବ୍‌ଶୀଘ୍ର ପିଏମ୍ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ; କହିଲେ କେନ୍ଦ୍ରମନ୍ତ୍ରୀ କମଳେଶ ପାଶୱାନ

- ମଧ୍ୟପ୍ରଦେଶ ଦୁର୍ଘଟଣାରେ ୭ ଜଣ ଓଡ଼ିଆଙ୍କ ମୃତ୍ୟୁ ଘଟଣାରେ ଶୋକବ୍ୟକ୍ତ କଲେ ପ୍ରଧାନମନ୍ତ୍ରୀ; ମୃତକଙ୍କ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା

- ଭୂଦାନ ଓ ଗ୍ରାମଦାନ ଜମିର ପ୍ରାମାଣିକ ଡିଜିଟାଲ ଡାଟାବେସ୍ ପ୍ରସ୍ତୁତି ପାଇଁ କାର୍ଯ୍ୟକାରୀ ହେଲା ମାର୍ଗଦର୍ଶିକା

ଏବଂ

- ରାଜ୍ୟରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସମ୍ଭାବନା; ଅତିପ୍ରବଳ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା

# ପିଏମ୍-ରୋଜଗାର ମେଳା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ବିଂଶତମ ରୋଜଗାର ମେଳାରେ ୫୧ ହଜାରରୁ ଅଧିକ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମୁକ୍ତ ବାଣିଜ୍ୟ ବୁଝାମଣା ଦେଶର ଯୁବପିଢ଼ୀ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଛି। ଦେଶର ଯୁବପିଢ଼ୀର ପ୍ରତିଭା ଏବଂ କୌଶଳ ସାରା ବିଶ୍ୱର ବିଶ୍ୱାସଭାଜନ ହୋଇପାରିଛି।

ଆଜି ଦେଶର ୪୫ଟି ସ୍ଥାନରେ ରୋଜଗାର ମେଳା ଆୟୋଜନ କରାଯାଇ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ରେଳ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମୀଣ ବିକାଶ ରାଷ୍ଟ୍ରମନ୍ତ୍ରୀ କମଳେଶ ପାଶଓ୍ୱାନ ଯୋଗଦେଇ କହିଛନ୍ତି, ଓଡ଼ିଶାରେ କେହି ବି ଯୋଗ୍ୟ ହିତାଧିକାରୀ ବାସହୀନ ରହିବେ ନାହିଁ। ଖୁବ୍‌ଶୀଘ୍ର ସେମାନଙ୍କୁ ପିଏମ୍ ଆବାସରେ ଗୃହ ଯୋଗାଇ ଦିଆଯିବ। ଏଥିପାଇଁ ରାଜ୍ୟଗୁଡ଼ିକଠାରୁ ରିପୋର୍ଟ ମଗାଯିବା ସହ ଏକ ତାଲିକା ପ୍ରସ୍ତୁତ ହେଉଛି ବୋଲି ଶ୍ରୀ ପାଶଓ୍ୱାନ କହିଛନ୍ତି।

**- V/O -**

କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରୋଜଗାର ମେଳାରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଯୋଗ ଦେଇ ୮୯ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

Desk

# ସଡ଼କ ଦୁର୍ଘଟଣା

ମଧ୍ୟପ୍ରଦେଶରେ ଏକ ଦୁର୍ଘଟଣାରେ ୭ ଜଣ ଓଡ଼ିଆଙ୍କ ମୃତ୍ୟୁ ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକବ୍ୟକ୍ତ କରିଛନ୍ତି। ଏହାସହ ମୃତକଙ୍କ ଆତ୍ମୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଘଟଣାରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏହାସହ ମଧ୍ୟପ୍ରଦେଶ ସରକାର ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରିବା ପାଇଁ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ଧାର ଓ ଶବ ବ୍ୟବଚ୍ଛେଦ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ପାର୍ଥିବ ଶରୀରକୁ ସସମ୍ମାନେ ଓଡ଼ିଶା ଫେରାଇ ଆଣିବା ଲାଗି ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନା ଅନୁସାରେ, ଗୋଟିଏ ପରିବାରର ସଦସ୍ୟମାନେ କାର୍ ମାଧ୍ୟମରେ ମଧ୍ୟପ୍ରଦେଶର ମାଲ୍‌ବା ଜିଲ୍ଲା ନଲ୍‌ଖେଡ଼ା ସ୍ଥିତ ଗୋଟିଏ ମନ୍ଦିରରୁ ଦର୍ଶନ ସାରି ଫେରୁଥିଲେ। ମନ୍ଦିର ନିକଟରେ ଥିବା ଏକ ନାଳରେ

ପ୍ରବଳ ଜଳସ୍ରୋତରେ କାର୍‌ଟି ଭାସିଯାଇଥିଲା। ଫଳରେ ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।  ମୃତକ ୭ ଜଣ ଭୁବନେଶ୍ୱରର ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ଭୂମିହୀନ ପଟ୍ଟା ପ୍ରଦାନ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଜି ସୁନ୍ଦରଗଡ଼ ଜିଲ୍ଲା ଗସ୍ତ କରି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ  ଓ ସରକାରୀ ଯୋଜନାର ଅଗ୍ରଗତି ସମୀକ୍ଷା କରିଛନ୍ତି। ବୈଠକରେ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଭିତ୍ତିଭୂମି ବିକାଶ ସମେତ ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା ସ୍ଥିତି ନେଇ ଆଲୋଚନା କରାଯାଇଥିଲା। ବସୁନ୍ଧରା ଯୋଜନା ଅଧୀନରେ ଭୂମିହୀନ ଓ ଯୋଗ୍ୟ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ, ରାଜସ୍ୱ ସେବାର ସୁବିଧା ଓ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସମ୍ପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଜିଲ୍ଲାରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଅଗଗ୍ରତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ଭୂମିହୀନ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରିଥିଲେ।

Desk

## ସାଧାରଣ ନିର୍ବାଚନ- ସଂଶୋଧିତ କାର୍ଯ୍ୟସୂଚୀ

ରାଜ୍ୟର ପୌରପରିଷଦ, ବିଜ୍ଞପିତ ଅଞ୍ଚଳ ପରିଷଦ ଏବଂ ମହାନଗର ନିଗମଗୁଡ଼ିକର ଆଗାମୀ ସାଧାରଣ ନିର୍ବାଚନ ପାଇଁ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ପ୍ରକ୍ରିୟା ସମ୍ପନ୍ନ କରିବା ନିମନ୍ତେ ଗୃହ

ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରାଯାଇଛି। ବୌଦ୍ଧ ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାପାଳଙ୍କୁ ଏ ନେଇ ଅବଗତ କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ସେପ୍ଟେମ୍ବର ୨୪ ତାରିଖରେ ୱାର୍ଡ ସୀମା ପୁନଃନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ କରାଯିବ। ଅକ୍ଟୋବର ୭ ତାରିଖରେ ପ୍ରାଥମିକ ବିଜ୍ଞପ୍ତି ପ୍ରକାଶ ପାଇବ। ବିଜ୍ଞପ୍ତି ବିରୁଦ୍ଧରେ ୭ ଅକ୍ଟୋବରରୁ ୨୧ ଅକ୍ଟୋବର ମଧ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଅପିଲ ଦାଖଲ କରାଯାଇପାରିବ। ଅକ୍ଟୋବର ୩୧ ତାରିଖରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

Desk

## ଭୂମିହୀନ ହିତାଧିକାରୀଙ୍କ ସୁରକ୍ଷା

ଭୂଦାନ ଓ ଗ୍ରାମଦାନ ଜମିର ଐତିହାସିକ ରେକର୍ଡକୁ ସୁରକ୍ଷିତ କରିବା, ବର୍ତ୍ତମାନର ରେକର୍ଡ ଅଫ୍ ରାଇଟ୍‌ସ– ଆର୍.ଓ.ଆର୍. ସହିତ ଏହାକୁ ସମନ୍ୱିତ କରିବା ଏବଂ ଜମି ସମ୍ପର୍କିତ ପ୍ରଶାସନିକ ଆଇନଗତ ଜଟିଳତାର ସ୍ଥାୟୀ ସମାଧାନ ତଥା ଡିଜିଟାଲ ଡାଟାବେସ୍ ପ୍ରସ୍ତୁତି ପାଇଁ ଏକ ମାନକ କାର୍ଯ୍ୟପ୍ରଣାଳୀ କାର୍ଯ୍ୟକାରୀ ହୋଇଛି। ଏ ସଂକ୍ରାନ୍ତରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ’ ଆର୍.ଡି.ସି., ରାଜସ୍ୱ ପର୍ଷଦର ସଚିବ ଏବଂ ଜିଲ୍ଲାପାଳମାନଙ୍କୁ  ଚିଠି ଲେଖିଛନ୍ତି।  ଡିଜିଟାଲ ଡାଟାବେସ୍‌ର ପ୍ରସ୍ତୁତି ଶେଷ ନ ହେବା ପର୍ଯ୍ୟନ୍ତ ଭୂଦାନ ଜମି ସମ୍ପର୍କିତ ମ୍ୟୁଟେସନ୍ କାର୍ଯ୍ୟକୁ ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ନିଷିଦ୍ଧ କରାଯାଇଛି।

HS

# ପାଠ୍ୟପୁସ୍ତକ ତ୍ରୁଟି ସଂଶୋଧନ

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ଥିବା ତ୍ରୁଟି ମାମଲାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ସଂଶୋଧିତ ପାଠ୍ୟପୁସ୍ତକ ପ୍ରକାଶନ ପାଇଁ ପ୍ରସ୍ତୁତି ଚାଲିଛି। ପୁନର୍ବାର କୌଣସି ତ୍ରୁଟି ନ ହେବା ପାଇଁ ସରକାର ସଜାଗ ଅଛନ୍ତି। ବର୍ତ୍ତମାନ ପୁସ୍ତକଗୁଡ଼ିକର ତ୍ରୁଟି ସଂଶୋଧନ କରାଯାଉଛି। ଖୁବ୍‌ଶୀଘ୍ର ନିର୍ଭୁଲ ବହି ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

I&PR

# ପାର୍ବଣ ଋତୁ

ରାଜ୍ୟରେ ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ବଜାୟ ରଖିବା ତଥା ଅସାମାଜିକ ତତ୍ତ୍ୱଙ୍କ ଉପରେ କଡ଼ା ନଜର ରଖିବା ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଆସନ୍ତା ୨୧ ତାରିଖରୁ ସ୍ୱତନ୍ତ୍ର ଅଭିଯାନ ‘ଦମନ’ ଆରମ୍ଭ ହେବ। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଅଭିଯାନରେ ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରିବା ସହ ପ୍ରତିଷେଧମୂଳକ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

Puri

# ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲିବ

ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ଖୁବ୍‌ଶୀଘ୍ର ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯିବ। ମନ୍ଦିର ଭିତରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଶେଷ ହେବାପରେ ଅକ୍ଟୋବର

ମାସ ପ୍ରଥମ ସପ୍ତାହରେ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ଦର୍ଶନର ସୁଯୋଗ ମିଳିବ ବୋଲି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି କହିଛନ୍ତି । ଶ୍ରୀ ପାଢ଼ିଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଏବଂ ପରିଚାଳନା କମିଟି ସଦସ୍ୟ ଆଜି ଗୁଣ୍ଡିଚା ମନ୍ଦିରର ବିକାଶମୂକଳ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଛନ୍ତି । ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ, ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ପ୍ରବେଶ ପାଇଁ ୧୦ ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଛି । ଆସନ୍ତା ୨୬ ତାରିଖରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ ।

Puri

# ରାଧାଷ୍ଟମୀ

ପୁରୀ ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ରାଧାଷ୍ଟମୀ ନୀତି ପାଳନ କରାଯାଉଛି । ଏ ନେଇ ସ୍ୱତନ୍ତ୍ର ନୀତି ଅବସରରେ ଚକ୍ରରାଜ ସୁଦର୍ଶନଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା କରିବ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ଦଇତାପତିମାନେ ସୁଦର୍ଶନଙ୍କୁ ପହଣ୍ଡି କରି ଆଣି ଜଗମୋହନ ଚଉଦୋଳରେ ବିଜେ କରାଇଛନ୍ତି ।

Baragada/Ganjam (2 )/Boudh/M.Giri/Debagada(2)

# ଏଥର ଖବର ସଂକ୍ଷେପରେ

– ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ସୁନ୍ଦରେଶ୍ୱର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ଆଜି ଜାତୀୟ ସ୍କାଉଟ୍ ଓ ସବୁଜ ବାହିନୀ ଆନୁକୂଲ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

– ଦେବଗଡ଼ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ପାରିବାରିକ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ-୨୦୦୫ ସମ୍ପର୍କରେ ଏକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି ।

– ସ୍ୱଚ୍ଛ ସାଗର, ସୁରକ୍ଷିତ ସାଗର' ବାର୍ତ୍ତା ନେଇ ଗୋପାଳପୁର ବେଳାଭୂମିରେ ଆଜି ଅନ୍ତର୍ଜାତୀୟ ସମୁଦ୍ରତଟ ସଫେଇ ଦିବସ ପାଳିତ ହୋଇଯାଇଛି ।

– ମାଲକାନଗିରିସ୍ଥିତ ସରକାରୀ ଆଇ.ଟି.ଆଇ ଅଡିଟୋରିୟମ୍‌ଠାରେ ଆଜି ତେଜସ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।

–ଦେବଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସାମାଜିକ ନିଶା ନିବାରଣ ଓ ନିଶାମୁକ୍ତ ଭାରତ ଅଭିଯାନ ସମ୍ପର୍କିତ ଏକ ଶପଥ ପାଠ କରାଯାଇଛି ।

– ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲା ପରାମର୍ଶଦାତା କମିଟି ଏବଂ ଜିଲ୍ଲାସ୍ତରୀୟ ସମୀକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଦ୍ରୁତ ପ୍ରଗତି ପାଇଁ ବ୍ୟାଙ୍କ ସହଯୋଗ ସମ୍ପର୍କରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଛନ୍ତି ।

– ଆକାଶବାଣୀ ଶ୍ରୋତାସଂଘ ବରଗଡ଼ ପକ୍ଷରୁ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

Desk

# ପାଣିପାଗ

ଆଣ୍ଡାମାନ ସାଗର ଉପରେ ସୃଷ୍ଟ ଘୂର୍ଣ୍ଣିବଳୟ ଆଜି ସୁଦ୍ଧା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହି ଲଘୁଚାପ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଆଡ଼କୁ ଗତିକରି ଆସନ୍ତା ୨୧ ତାରିଖ ସୁଦ୍ଧା ଅବପାତରେ ପରିଣତ ହେବାନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଆଜିଠାରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ୨୩ ତାରିଖ ପରେ ବର୍ଷାର ପ୍ରଭାବ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବା ନେଇ ୮ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**- V/O -**